# ଅନ୍ଧଗଳିର ଗାଥା

କବି ରଘୁନାଥ ଦାସ

ଅବସନ୍ନ ଛାୟାଚ୍ଛନ୍ନ ବୁକୁ ଉପରକୁ

ଯେବେ ସେ ଝାମ୍ପମାଇଲା,

ଆଉ ପରିଶ୍ରାନ୍ତ ଜଙ୍ଘ ଦୁଇଟା

ଅନାବୃତ କରି ବିଦାରିଲା ଦୁଇଫାଳ

ଆଦିମତାର ହିଂସ୍ର ପ୍ରବୃତ୍ତି ଜାହିର କରିବାକୁ,

ଧର୍ଷିତା ରମଣୀ ଭଳି

୪୭ ନମ୍ବର ଗଳି

ତୀକ୍ଷ୍ଣ ଏକ ଚିତ୍କାର ଛାଡି

ଥରୁଥିଲା ଅସହାୟ ଆତଙ୍କରେ ।

ପ୍ରାଣ ତାର ଚାହେଁ ପ୍ରତିରୋଧ କରିବାକୁ,

ଅଥଚ ସ୍ନାୟୁଗୁଚ୍ଛ ଶିଥିଳ,

କଣ୍ଠ ଅବରୁଦ୍ଧ,

ଭାଙ୍ଗି ପଡିଛି ସ୍ବରଯନ୍ତ୍ର;

ଭୟ ତା'ର ଜଡାଇଛି ସମସ୍ତ ସତ୍ତାକୁ ।

ପଞ୍ଚସ୍ତରୀ ପୁଲିସ ପିକ୍‌ଅପ୍‌ର

Powered by Tekons

# ଅନ୍ଧଗଳିର ଗାଥା

କବି ରଘୁନାଥ ଦାସ

ଅନ୍ଧାରୀ ଅଭିସାର ଆଜି ଜମିଛି

୪୭ ନମ୍ବର ଗଳି ବିଚ୍ ରାସ୍ତା ଉପରେ ।

ଜନବସତି ମଧ୍ୟରେ ସିଂହ ତା'ର ଶିକାର ଖୋଜୁଛି:

ସ୍ଫୀତବକ୍ଷ କରଡା ମୁଛ ଦାରୋଗା ବାବୁ

ପଛରେ ଚମଡ଼ା ପାତଳା ତଳିଆ ଅଫିସର;

ସିଂହର ନଖ ଭଳି ତୀକ୍ଷ୍ଣ ଓ ତୋଖଡ

ଯୋ ହୁକୁମୀ ପାଞ୍ଚ ସିପାହୀ

ହାତରେ ପିତ୍ତଳ ଗୋବବସା ଖପୁରିଫଟା ଲାଠି,

ପାଦରେ ମଇଁଷିଛାଲର ନାଲଦିଆ ପୁଟ୍ ।

ନିଶାର୍ଦ୍ଧରେ ତନ୍ଦ୍ରାକୁ ନାତ୍ ମାରି ମାରି

ସେମାନେ ଭରୁଥିଲେ ପିକ୍‌ଅପ୍‌ର ଉଦର:

ତରୁଣ ତିନିଟା ଛାତ୍ର, ଶିକ୍ଷିତ ବେକାର ଯୁବକ ଜଣେ ।

ଉଦ୍ଧତ ଗଳାର ହିଂସ୍ର ଗର୍ଜନ:

'ଜିଭ ମୋର ପରୱାନା' ।

ସମସ୍ତ ଜିଜ୍ଞାସାର ଏକମାତ୍ର ଉତ୍ତର:

'କ୍ଷମତା ନିରଙ୍କୁଶ' ।

ବିଚାରଶୂନ୍ୟତା ପିଶାଚର;

www.jatayu.org

# ଅନ୍ଧଗଳିର ଗାଥା

କବି ରଘୁନାଥ ଦାସ

ଉଲ୍ଲାସ ଅସୁରର

ଦୈତ୍ୟର ବଳ;

'ମିଶା' ନିଶାରେ ଉନ୍ମତ୍ତ ତା'ର ସର୍ବାଙ୍ଗ ।

"ଅଇ ହେ ଶୁଣିଲଣି , ନବୀନକୁ ଧରି ନେଉଛନ୍ତି ।"

ହତ ମାନବିକତାର ସ୍ବର ଚାପାଗଳାରେ;

କାପୁରୁଷର ବିଜ୍ଞତା ପରାମର୍ଶ ଦେଲା:

"ରାତି ବେଶି ହେଲାଣି, ତମେ ଶୋଇଯାଅ" ।

ସ୍ୱଞ୍ଚଗଦିରୁ ଓହ୍ଲାଇ ଆସିଛି ଶିଆଳ ରଙ୍ଗଲାଲ୍,

ସିଂହ ମଗଜର ତଗ୍ଧାଜ୍ କରୁଛି;

ସିଗାରେଟ୍‌ର ଚକ୍‌କର ଖାଉଥିବ ହାଲୁକା କୁଣ୍ଡଳୀ

ଜିନ୍‌ର ତେଜି ଖୁସୁବ୍‌ରେ ମତୁଆଲା ହୋଇ ଉଠିଛି ବେଶ୍;

ଲାଇଟ୍ ଅଫ୍ କରି ଝରକା ଆଉଜେଇ ଦେଇ

ଶୋଇ ରହିବା ଅଭିନୟ ତଳେ

ଜାଲନା ଫାଙ୍କରୁ ରୁଦ୍ଧଶ୍ବାସ ଉନିଦ୍ର ତ୍ରସ୍ତ ଆଖିଗୁଡାକ

ଉଦ୍‌ବିଗ୍ନତା ସହକାରେ ଲକ୍ଷ୍ୟ କରୁଥିଲେ

ଅଭିସାରର ଅନିଶ୍ଚିତ ଉତ୍କଣ୍ଠାପୂର୍ଣ୍ଣ ଦୃଶ୍ୟାବଳୀ ।

www.jataayu.org

# ଅନ୍ଧଗଳିର ଗାଥା

କବି ରଘୁନାଥ ଦାସ

ସିଂହର ମୁକାବିଲା କରୁଥିଲା ମାତ୍ର ଜଣେ:

ତ୍ରୀବତର ଏକକ ପ୍ରତିବାଦ

ନିରବ ଗଳିଟା ଜୀବନ୍ତ ବୋଲି ପ୍ରତିପାଦନ କରୁଥିଲା ।

ଶୋଇଥିବା ପ୍ରତିଟି କାନ୍ଥରେ

ତା'ର ଓଜସ୍ୱିନୀ ଆବାଜର ପ୍ରତିଧ୍ୱନି

ପୋଷ୍ଟର ମାରି ଚାଲିଥିଲା ।

" କି ଅଧିକାର ଅଛି ତୁମର ନିଶାର୍ଦ୍ଧରେ ମୋର ସୁଷୁପ୍ତି ଭାଙ୍ଗିବାରେ?

ହୋଇପାରେ ତୁମେ ଦାରୋଗା, ତା'ଠାରୁ ବଡ ଅବା ସାନ,

ତୁମ ମୁନିବ ତୁମ ଛାତିରେ ଅଙ୍କିଥାଇପାରେ ଗୁଡାଏ ତାରାଚିହ୍ନ,

ମୋର ଭଗବାନ ମୋ ଲାଗି ଏହି ଅସଂଯତ ଗଳି ଉପରେ

ଦେଇଛନ୍ତି ମାତ୍ର ଦୁଇ ଫୁଟ ସ୍ଥାନ ।

ଅନିଶ୍ଚିତ ଖାଦ୍ୟାନ୍ବେଷଣରେ ଦିନଭରି ଅବିଶ୍ରାନ୍ତ କଠିନ

ପରିଶ୍ରମ ପରେ

ଶ୍ରାନ୍ତ ଅବଶ ଅବୟବଗୁଡାକ ଲାଗି

ମୋର ଲୋଡା

ଛ'ଟି ଘଣ୍ଟା ଶୋଇ ରହିବା ବିରାମ ।

www.jatayu.org

# ଅନ୍ଧଗଳିର ଗାଥା

କବି ରଘୁନାଥ ଦାସ

ସେଥିରେ ଖିଆଲି ବ୍ୟାଘାତ

ମୋର ଜନ୍ମଗତ ଅଧିକାର ଉପରେ ଅଯଥା ହସ୍ତକ୍ଷେପ;

ମୁଁ ତା' କଦାପି ବରଦାସ୍ତ କରିବି ନାହିଁ,

ବରଦାସ୍ତ କରିବି ନାହିଁ, ବରଦାସ୍ତ କରିବାର ନୁହେଁ,

ତୁମେଗୁଡା ବୃଥା ହାମଲା କରିବା ଛାଡ;

ହଟି ଯା ଏଠାରୁ

ମୋ କଥାକୁ ତାଚ୍ଛଲ୍ୟରେ ଉଡେଇ ଦେବାକୁ ଚାହଁ ।

ମୁଁ ଗୋଟାଏ କୁତା, ବାରବୁଲା ।

ଆଉ ତୁମେ? ମାସିକ ମୋଟା ଦରମା ଓ ମହଙ୍ଗାଭତ୍ତା

ପାଉଥିବା ପେଶାଦାର ଗ୍ରେହାଉଣ୍ଡ:

କମ୍ପାନୀ ଲୁଣ-ଗୋଦାମର ପହରାଦାର,

କଳାମୁନିବର ନୂଆ ଡାକବଙ୍ଗଳା ଜଗିବା ଭାର

ଏବେ ତୁମ ଉପରେ ନ୍ୟସ୍ତ ।

ଜନ ସେବାରେ ବ୍ୟସ୍ତ ରହି

ତୁମେ ବନିଯାଇଛି ତ ବେଶ୍ ପେଟା ପେଟା ।

ହେଲେ ଜାଣେ, ତୁମେ ସବୁ ଜାତିରେ ହେଟା ।

www.jataayu.org

Powered by Tekons

# ଅନ୍ଧଗଳିର ଗାଥା

କବି ରଘୁନାଥ ଦାସ

ମୟୂରପୁଚ୍ଛରେ କେବେ କାହାର ପ୍ରକୃତି ବଦଳିଛି?

ଚେହେରାର ଆଟୋପରେ ମୋର ଭ୍ରାନ୍ତି ଜନ୍ମେ ନାହିଁ;

ଲାଠି ଓ ପିସ୍ତଲର ଧକାଣରେ ଶଙ୍କିଯିବାର ଜୀବ ନୁହେଁ ମୁଁ

ମୋ ଜନ୍ମଗତ ଅଧିକାର ଲାଗି ମୁଁ ନିଶ୍ଚୟ ଲଢ଼ିବି ।

ମରିବାକୁ ମୁଁ ଭୟ କରେନାହିଁ ।

ମୁଁ ଜାଣିଛି:

ବାସନା ପରିତୃପ୍ତିର ମରୀଚିକା ହିଁ

ଜନ୍ମ ଦିଏ ମୃତ୍ୟୁର ବିଭୀଷିକାକୁ ।

ଏ ଜୀବନେ ସେ ଆସକ୍ତି ଜୁଟି ନାହିଁ ମୋର

ମୃତ୍ୟୁ ଓ ମୁକ୍ତି ମୋ ଲାଗି ଏକା କଥା ।'

-ତା'ର ପ୍ରତିବାଦର ଶେଷ ନାହିଁ, ତା'ର ବିକ୍ଷୋଭର ଅନ୍ତନାହିଁ;

ପ୍ରତି ମୁହୂର୍ତ୍ତରେ ସେ ତାକୁ କରି ଚାଲିଛି କ୍ଷତବିକ୍ଷତ

ରଙ୍ଗଲାଲ ଯେ ମିଜାଜ୍‌କୁ ଗୁଲକାଜର କରିବାରେ ଥିଲା ବ୍ୟସ୍ତ ।

www.jataayu.org

# ଅନ୍ଧଗଳିର ଗାଥା

କବି ରଘୁନାଥ ଦାସ

-ପଞ୍ଜରୀ ପିକ୍‌ଅପ୍ ପଛଘୁଞ୍ଚା ଦେଲା:କାରଣ,

ଅଭିସାର ମାଦକତା ପରେ ମଜଗୁଲ ହେବାର ଗୌରବ ଲାଗି

ପରିବେଶ ଭାଙ୍ଗି ଚୂରମାର ହୋଯାଇଥିଲା

ବିରାମହୀନ ପାଲଟ ଆକ୍ରମଣରେ

ନାଗ ଯେପରି ଚେକା ମାରି ଜଡିଯାଏ ସ୍ବୟଂଭୂ ଶିଳାରେ

ଆଉ ଫଣା ଟେକି ସାବ୍ୟସ୍ତ କରେ ଆପଣା ମର୍ଯ୍ୟାଦା,

ସିଂହ ଜାବରୁ ଉଦ୍ଧାର କରିଥିବା

ତା'ର ଉପରେ ଚେକା କାଟି ଜମିଗଲା

ନାମହୀନ ବାରବୁଲା କୁତା ।

ଜାଲାନା ଫାଙ୍କରେ ତା' ଆଡକୁ ଅନାଇ ରହିଥିଲେ

ଲଜାନତ ଅଲକତରଞ୍ଜା ଅନେକ ଯୋଡା ଖଞ୍ଜନାକ୍ଷୀ;

ସାକ୍ଷୀ ଅଛି ଏହି ଅନ୍ଧଗଳି ।

www.jatayu.org